ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ବିଭାଗ

ସଂଖ୍ୟା 4206 /ସା.ପ., ତାରିଖ: 8.2.99

ପ୍ରାପ୍ତେଷୁ,

ସମସ୍ତ ବିଭାଗ

ସମସ୍ତ ବିଭାଗୀୟ ମୁଖ୍ୟ

ସମସ୍ତ ଜିଲ୍ଲାପାଳ

ବିଷୟ: ବିଭିନ୍ନ ବିଭାଗରେ ଟେଜେରୀ ପିଅନ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ଟ୍ରେଜେରୀ ସରକାରଭାବେ ନିଯୁକ୍ତି ଦେବା ସମ୍ପର୍କରେ ।

ନିମ୍ନ ସ୍ୱାକ୍ଷରକାରୀ ନିର୍ଦ୍ଦେଶକ୍ରମେ ଜଣାଉ ଅଛନ୍ତି କି ସାଧାରଣ ପ୍ରଶାସନ ବିଭାଗ ସଂକଳ୍ପ ସଂଖ୍ୟା 16140 ତା 30.5.96 ରେ ନିର୍ଦ୍ଦେଶ ଦିଆଯାଇଛି ଯେ ଯେଉଁ ବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଟ୍ରେଜେରୀ ସରକାର ଭାବେ କାର୍ଯ୍ୟ କରୁଥିବେ ସେ ମାସିକ ବେତନର ଶତକଡ଼ା 10 ଭାଗ ତଥା ସର୍ବୋଚ୍ଚ 150 ଟଙ୍କା ସ୍ୱତନ୍ତ୍ର ବେତନ ପାଇବେ । ମାତ୍ର କେତେକ କ୍ଷେତ୍ରରେ ଉକ୍ତ କର୍ମଚାରୀ ମାନେ ସ୍ୱତନ୍ତ୍ର ବେତନ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଚତୁର୍ଥ ଶ୍ରେଣୀ ସେବା ସଂଘର ପ୍ରତିନିଧିମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଅଛନ୍ତି ଓ ଟ୍ରେଜେରୀ ପିଅନ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ଟ୍ରେଜେରୀ ସରକାର ଭାବେ ନିଯୁକ୍ତି ଦେବା ପାଇଁ ସରକାରଙ୍କ ନିକଟରେ ଦାବୀ କରିଅଛନ୍ତି ।

ଉକ୍ତ ସେବା ସଂଘର ଦାବୀ ତଥା ଏ ସମ୍ପର୍କରେ ଗଠିତ ଷ୍ଟାଫିଂ କମିଟିଙ୍କ ସୁପାରିଶକୁ ବିଚାର କରି ଏହା ସ୍ଥିର କରାଯାଇଛି ଯେ ଯେଉଁ ବିଭାଗରେ / କାର୍ଯ୍ୟାଳୟରେ ଟ୍ରେଜେରୀ ସରକାର ପଦବୀ ନଥାଇ ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଟ୍ରେଜେରୀ ପିଅନ କାର୍ଯ୍ୟ କରୁଅଛନ୍ତି ସେପରି ସ୍ଥଳେ ଉକ୍ତ ବିଭାଗରେ / କାର୍ଯ୍ୟାଳୟରେ ଟ୍ରେଜେରୀ ସରକାର ପଦବୀ ସୃଷ୍ଟି କରିବା ପାଇଁ ସଂପୃକ୍ତ ବିଭାଗ ସାଧାରଣ ପ୍ରଶାସନ ଓ ଅର୍ଥ ବିଭାଗର ସମ୍ମତି କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

ସ୍ୱତନ୍ତ୍ର ଶାସନ ସଚିବ

ସ୍ୱେ/ପ.